ସମାଜ
The Samaja
21.08.2021

# ଆଇଆଇଟି ବିଶ୍ୱ ମାନବ ସମାଜର ଆଶା ପୂରଣ କରିବ : ଧର୍ମେନ୍ଦ୍ର

ଜଟଣୀ/ଖୋର୍ଦ୍ଧା,୨୦।୮ (ନି.ପ୍ର): ଜଟଣୀ ଅରଗୁଳ ସ୍ଥିତ ଭୁବନେଶ୍ୱର ଆଇଆଇଟି ପରିସରରେ ୮୦୦ ଶଯ୍ୟା ବିଶିଷ୍ଟ ଏକ ଛାତ୍ରାବାସ ଏବଂ ଅଧାପନା ନିମନ୍ତେ ଏକ ଅତ୍ୟାଧୁନିକ ବକ୍ତୃତା ହଲ୍ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି।

ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ଆର.ଭି.ରାଜକୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଜାତୀୟ ଶିକ୍ଷାନୀତିକୁ ଅନୁସରଣ କରିବା ପାଇଁ ଆଇଆଇଟି କମ୍ୟୁନିଟି ହଲ୍‌ଠାରେ ଆୟୋଜିତ ସଭାରେ ସେ ଭୁବନେଶ୍ୱର ଆଇଆଇଟିକୁ ପରାମର୍ଶ ଦେଇଥିଲେ। ସେ କହିଥିଲେ, ଭୁବନେଶ୍ୱର ଆଇଆଇଟି ଏକ ମର୍ଯ୍ୟାଦାଜନକ ଅନୁଷ୍ଠାନ। ଏହି ଶିକ୍ଷାନୁଷ୍ଠାନ ବିଶ୍ୱ ଓ ମାନବ ସମାଜର ଆଶା ଏବଂ ଆକାଂକ୍ଷା ପୂରଣ କରିବ। ଖୁବ୍ ଶୀଘ୍ର ଆଇଆଇଟି ଇଞ୍ଜିନିୟରିଂରେ ଓଡ଼ିଆ ଭାଷାରେ ଛାତ୍ରଛାତ୍ରୀ ପାଠ ପଢ଼ିବେ। ସମ୍ମାନିତ ଅତିଥି ଭାବେ ଦକ୍ଷତା ବିକାଶ ଅନୁଷ୍ଠାନର ଅଧ୍ୟକ୍ଷ ରଞ୍ଜନ କୁମାର ମହାପାତ୍ର ଯୋଗ ଦେଇଥିଲେ। ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ଆର.ଭି.ରାଜକୁମାର ଆଇଆଇଟିର ବିଭିନ୍ନ ସଫଳତା ଉପରେ ଆଲୋକପାତ କରିଥିଲେ।

ଏହି ଅବସରରେ କେନ୍ଦ୍ରମନ୍ତ୍ରୀଙ୍କ ଉପସ୍ଥିତିରେ ଓଡିଆ ପିଲାଙ୍କର ଦକ୍ଷତା ବୃଦ୍ଧି କରି ସେମାନଙ୍କୁ ରୋଜଗାର ଦେବା ପାଇଁ



## ଆଇଆଇଟି ଛାତ୍ରାବାସ ଓ ବକ୍ତୃତା ହଲ୍ ଉଦ୍‌ଘାଟିତ

## ଆଇଆଇଟି ଏବଂ ଏସଡିଆଇ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ

ଆଇଆଇଟି ଭୁବନେଶ୍ୱର ଏବଂ ଦକ୍ଷତା ବିକାଶ ପ୍ରତିଷ୍ଠା (ଏସଡିଆଇ)ଭୁବନେଶ୍ୱର ମଧ୍ୟରେ ବୁଝାମଣା ପତ୍ର(ଏମଓୟୁ) ସ୍ୱାକ୍ଷରିତ ହୋଇଥିଲା। ପ୍ରଫେସର ଭି.ଆର, ପିଡି ରେଡ୍ଡି, ପ୍ରଫେସର ସୁଜିତ ରାୟ, ଡିନ୍ ସରୋଜ କୁମାର ନାୟକ, ଡ଼.ପ୍ରଭାସ ରଞ୍ଜନ ସାହୁ,ପ୍ରଫେସର ପିଭି ସତ୍ୟମ୍, ଭାରପ୍ରାପ୍ତ କୁଳସଚିବ ଦେବରାଜ ରଥ, ଡ. ସୁମନ୍ତ ହାଲଦାର ପ୍ରମୁଖ ଯୋଗ ଦେଇଥିଲେ।